ଭାରତୀୟ ଜନତା ପାର୍ଟି, ଓଡିଶା

ରାଜ୍ୟସରକାର ବିଭିନ୍ନ ଆଳ ଦେଖାଇ ଧାନମଣ୍ଡି ଖୋଲିବାରେ ବିଳମ୍ବ କରିବା ପ୍ରତିବାଦରେ ବିକ୍ଷୋଭ

# ରାଜ୍ୟରେ ୮୦ ଭାଗ ଧାନମଣ୍ଡି ଖୋଲାନଯିବା ଚାଷୀମାରଣ ନୀତିର ଜ୍ୱଳନ୍ତ ଉଦାହରଣ : କୃଷକମୋର୍ଚ୍ଚା

**ଭୁବନେଶ୍ୱର, ତା୨୨/୧୨ :** ରାଜ୍ୟସରକାରଙ୍କ ଚାଷୀ ବିରୋଧୀ ମନୋଭାବ ଏବଂ ଚାଷୀ ମାରଣ ନୀତି ଯୋଗୁଁ ରାଜ୍ୟର ଧାନ ଚାଷୀମାନେ ଆଜି ସର୍ବସ୍ୱାନ୍ତ ହୋଇଛନ୍ତି । ଅନ୍ୟପଟେ ଯୋଜନା ନାଁରେ ରାଜ୍ୟସରକାର ଚାଷୀମାନଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ବର୍ତମାନ ସୁଦ୍ଧା ରାଜ୍ୟରେ ୮୦ ଭାଗ ଧାନମଣ୍ଡି ଖୋଲାଯାଇନାହିଁ । ଯେଉଁଥିପାଇଁ ଚାଷୀ ବାଧ ହୋଇ ଦଲାଲକୁ ଧାନ କୁଇଟାଂଲ ପିଛା ୧୨ ଶହରୁ ୧୩ଶହ ଟଙ୍କା ମଧରେ ବିକ୍ରି କରୁଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ କହିଛନ୍ତି ।

କେନ୍ଦ୍ର ସରକାର ଧାନର ଉତ୍ପାଦନ ମୂଲ୍ୟରୁ ଦେଢଗୁଣ ମୂଲ୍ୟ ବୃଦ୍ଧି କରି ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା କରିଥିବା ସମୟରେ ରାଜ୍ୟସରକାର ଓ ମିଲର ମାନଙ୍କ ମଧୁଚନ୍ଦ୍ରିକା କାରଣରୁ ଚାଷୀ ତାର ପ୍ରାପ୍ୟ ପାଇବାରୁ ବଂଚିତ ହେଉଛି । ଏହାର ପ୍ରତିବାଦରେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟର ବିଭିନ୍ନ ମଣ୍ଡି ଘେରାଓ କରିବା ସହ ପ୍ରତିବାଦ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

ରାଜ୍ୟସରକାର ବିଭିନ୍ନ ଆଳ ଦେଖାଇ ଧାନମଣ୍ଡି ଖୋଲିବାରେ ବିଳମ୍ବ କରିଚାଲିଛନ୍ତି । ଅନ୍ୟପଟେ ଚାଷୀ ପରିବାର ହତାଶ ହୋଇ ନିଜ ଧାନକୁ ଶାଗ ମାଛ ଦରରେ ଦଲାଲକୁ ବିକିବାକୁ ବାଧ ହୋଇଛି । ସାରା ରାଜ୍ୟରେ କୃଷକମାନଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେଉଥିବାବେଳେ ରାଜ୍ୟସରକାର ଚାଷୀ ପ୍ରସଙ୍ଗକୁ ଗୁରୁତ୍ୱ ନଦେଇ ଭୋଟବ୍ୟାଙ୍କ ରାଜନୀତି କରୁଛନ୍ତି । ଦୀର୍ଘ ୧୯ ବର୍ଷ ପରେ ବି ଘୋଷଣା ସର୍ବସ୍ୱ ବିଜେଡି ସରକାର ଚାଷୀଙ୍କ ପାଇଁ ଗୋଟିଏ ଯୋଜନା ଲାଗୁ ନକରି ମିଥ୍ୟା ପ୍ରତିଶୃତି ଦେଇଚାଲିଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

ଆଜି ନୟାଗଡ, ପାରଳାଖେମୁଣ୍ଡି, ଖଣ୍ଡପଡା, ବଡମ୍ବା-ଆଠଗଡ ସମେତ ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ ଧାନମଣ୍ଡିରେ କୃଷକମୋର୍ଚ୍ଚା ପକ୍ଷରୁ ଧାନମଣ୍ଡି ଜଗିବା ସହ ରାଜ୍ୟସରକାରଙ୍କ ଚାଷୀମାରଣ ନୀତି ବିରୁଧରେ ବିକ୍ଷୋଭ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**